# ବିଜେପିରେ ଯୋଗଦେଲେ ଶତାଧିକ କର୍ମୀ



**ଜଟଣୀ, ୧୧।୭/ଏନ୍‌ଏନ୍‌ଏସ୍:** ଜଟଣୀ ନିର୍ବାଚନ ମଣ୍ଡଳୀର ତିରିମଲ୍ଲ ଗ୍ରାମ ସ୍ଥିତ ନାରାୟଣୀ ମନ୍ଦିରରେ ଆଜି ଅନୁଷ୍ଠିତ ବିଜେପିର ଏକ ମିଶ୍ରଣ ପର୍ବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ଦଳର ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଜେପିରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ସାମିଲ ହୋଇଥିବା କହିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଜିତୁ ସୁନ୍ଦରାୟ, ଫଗୁଆ ବଡଜେନା, ଜିତୁ ବେହେରା, ଭଗବାନ ରାଉତରାୟ, ଗଦାଧର ବଳିୟାର ଙ୍କ ପ୍ରମୁଖ। ଅନ୍ୟପକ୍ଷରେ ଜଟଣୀ ନିର୍ବାଚନ ମଣ୍ଡଳୀରେ ବିଜେପିକୁ ସୁଦୃଢ କରିବା ପାଇଁ କର୍ମୀ ସନ୍ତୋଷ ଜେନା ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବ ଆରମ୍ଭ କରିବା ସହ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କ ସମସ୍ୟାରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଆଜିର ଏହି କାର୍ଯ୍ୟକ୍ରମରେ ରାଜେଶ ମହାପାତ୍ର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଶରତଚନ୍ଦ୍ର ପାଲଟା ସିଂହଙ୍କ ସହିତ ବହୁ ବିଜେପି କର୍ମୀ ଯୋଗ ଦେଇଥିଲେ।